

ଲୋଭୀ ଲୋକ ପଇସାର ସ୍ୱାଦ ପାଏ ନାହିଁ କି
ଅମିତବ୍ୟୟୀ ପାଖରେ ପଇସା କେବେ ରହେନାହିଁ।
-ଆବ୍ରାହମ୍ ଲିଙ୍କନ



## ସଂକ୍ଷେପରେ

### ଦୁଇ ସାହସୀ କିଶୋରଙ୍କୁ ସାଇକେଲ

ଜୟପୁର,୧୧।୨(ନି.ପ୍ର.): ଗତ ୭ ତାରିଖରେ ମୁଖ୍ୟ କେନାଲରେ ବାଲାଜି ସାହୁ ନାମକ ଜଣେ ବ୍ୟକ୍ତି ଭାସିଯାଉଥିବା ବେଳେ ଜୟପୁର ଡଙ୍ଗାଗୁଡ଼ାର ସଞ୍ଜୟ ପୂଜାରୀ ଓ କିଷାନ ମାଝୀ କେନାଲକୁ ଡେଇଁ ତାଙ୍କୁ ଉଦ୍ଧାର କରିଥିଲେ। ଏହି ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଓମାନରୁ ଜଣେ ବ୍ୟକ୍ତି ୧୦ ହଜାର ଟଙ୍କା ଜୟପୁରର ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଜମାଖାତାକୁ ପଠାଇଥିଲେ। ସେହି ଅର୍ଥରେ ସାଇକେଲ କିଣାଯାଇ ବାବା ସାହେବ କଲ୍ୟାଣ ମଣ୍ଡପରେ ତାହାକୁ ଉଭୟ କିଶୋରଙ୍କୁ ଦିଆଯାଇଥିଲା। ଏହି ସମ୍ବର୍ଦ୍ଧନା ସଭାରେ ଜୟପୁର ଉପଜିଲାପାଳ ଲୋକନାଥ ଦଳବେହେରା, କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକ ରଞ୍ଜନ ସାମନ୍ତରାୟ ଦୁଇ କିଶୋରଙ୍କୁ ସାଇକେଲ ପ୍ରଦାନ କରିଥିଲେ।

### କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ଜମି ମାପଚୁପ

ଜୟପୁର,୧୧।୨(ଡି.ଏନ୍.ଏ.): ଜୟପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ଜମି ଦେଇଛି ପ୍ରଶାସନ। ଏଥିପାଇଁ ଜୟପୁର ତହସିଲ ଏଲ୍‌ଆର୍ ମୌଜା ଜଗନ୍ନାଥ ସାଗର ତଳକୁ ରହିଥିବା ୬୮ ଏକର ସିଲିଂ ଜମିରୁ ୧୦ ଏକର କେନ୍ଦ୍ରିୟ ବିଦ୍ୟାଳୟକୁ ପ୍ରଦାନ କରାଯାଇଛି । ଏନେଇ କେନ୍ଦ୍ରିୟ ବିଦ୍ୟାଳୟ କର୍ତ୍ତୃପକ୍ଷ ସୁନାବେଡ଼ାସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷ ଅନନ୍ତ ନାରାୟଣ ମେହେରଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି । ଏନେଇ ମଙ୍ଗଳବାର ଉପଜିଲାପାଳ ଲୋକନାଥ ଦଳବେହେରାଙ୍କୁ ସୁନାବେଡ଼ା କେଭିଏସ୍ ଅଧକ୍ଷ ମେହେର ସାକ୍ଷାତ କରିଥିଲେ। ଏନେଇ ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜୟପୁର ତହସିଲଦାର ମାତାରାମ ଲିୟାଙ୍ଗି, ସୁପରଭାଇଜର ଟୁନା ପଟ୍ଟନାୟକ, ଆର୍‌ଆଇ ଅଶୋକ ମିଶ୍ର, ଆଇନଜୀବୀ ଅନୁପ ପାତ୍ରଙ୍କ ଉପସ୍ଥିତିରେ ମାପଚୁପ କରାଯାଇଥିଲା। ସେହିପରି ଜମି ନିକଟରେ ଉଚ୍ଚକ୍ଷମତା ସମ୍ପନ୍ନ ବିଦ୍ୟୁତ ଲାଇନ ରହିଥିବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ସନ୍ଦେହରେ ଏହି ଜମି ମାପଚୁପ୍ କରାଇଥିଲେ। ଉକ୍ତ ଜମିରୁ ପ୍ରାୟ ଶହେ ମିଟର ଦୂରରେ ବିଦ୍ୟୁତ ଲାଇନ ଯାଇଥିବାରୁ କୌଣସି ସମସ୍ୟା ନ ଥିବା ସ୍ପଷ୍ଟ ହୋଇଛି। ଶୀଘ୍ର ବିଦ୍ୟାଳୟ ଭବନର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଅସ୍ଥାୟୀ ଭବନରେ ୨୦୨୦-୨୧ ପାଠ୍ୟକ୍ରମ ଆରମ୍ଭ ହୋଇଯିବ ବୋଲି ଅଧକ୍ଷ ମେହେର କହିଛନ୍ତି। ଉଲ୍ଲେଖଯୋଗ୍ୟ, ଜୟପୁର ଏଲ୍‌ଆର୍ ମୌଜାର ଖାତା ନମ୍ବର ୨୫୬ ଏବଂ ପ୍ଲଟ ନଂ-୭୯୧ରେ ୧୦ ଏକର ଜମିକୁ କେନ୍ଦ୍ରୀୟ ବିଦ୍ୟାଳୟ ନିର୍ମାଣ ପାଇଁ ଚିହ୍ନଟ କରାଯାଇଛି।

### ବୃନ୍ଦାବନଚନ୍ଦ୍ର ମହାପ୍ରଭୁଙ୍କ ବାର୍ଷିକ ଉତ୍ସବ

ପଦ୍ମପୁର, ୧୧।୨(ଡ଼ି.ଏନ.ଏ)- ରାୟଗଡା ଜିଲା ପଦ୍ମପୁରସ୍ଥିତ ଶ୍ରୀବୃନ୍ଦାବନଚନ୍ଦ୍ର ମହାପ୍ରଭୁଙ୍କ ୧୨ତମ ବାର୍ଷିକୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସୋମବାର ବୈଷ୍ଣବ ଆମନ୍ତ୍ରଣ, ଗଙ୍ଗା ଆବାହନ, ନାମ ସଂକୀର୍ତ୍ତନ ଆଦି ଅନୁଷ୍ଠିତ ହୋଇଥିଲା । ସନ୍ଥ ମହନ୍ତ ମଦନ ଗୋପାନ ଦାସଜୀ ମହାରାଜଙ୍କ ଦ୍ୱାରା ନାମସଂକୀର୍ତ୍ତନ ଓ ନଗର ପରିକ୍ରମା ଅନୁଷ୍ଠିତ ହୋଇଥିଲା। ସଂକୀର୍ତ୍ତନ ମଣ୍ଡଳୀର ବରିଷ୍ଠ ଗୁରୁ ଗୌରଚନ୍ଦ୍ର ସାହୁଙ୍କ ସହ ଶ୍ରୀକୃଷ୍ଣ ଚୈତନ୍ୟ ମଣ୍ଡଳୀ ସଂକୀର୍ତ୍ତନ ଦ୍ୱାରା ପରିକ୍ରମା ଅନୁଷ୍ଠିତ ହୋଇଥିଲା । ଏଥିରେ ବହୁ ଲୋକଙ୍କ ସମାଗମ ହୋଇଥିଲା।

# କେନ୍ଦ୍ରମନ୍ତ୍ରୀଙ୍କୁ ସଂସଦୀୟ କ୍ଷେତ୍ର ଦାବି ଜଣାଇଲେ ସପ୍ତଗିରି

ଜୟପୁର,୧୧।୨(ନି.ପ୍ର.)

କେନ୍ଦ୍ର ପରିବହନ ମନ୍ତ୍ରୀ ନିତିନ ଗଡ଼କରିଙ୍କୁ ସାକ୍ଷାତ କରିଛନ୍ତି କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଭି.କେ. ସିଂ ଓ ବିଜେଡି ଏମ୍‌ପିଙ୍କ ସହ ସେ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଥିଲେ। ଏହି ସାକ୍ଷାତ ଅବସରରେ ଅନ୍ୟମାନେ ରାଜ୍ୟର ବିକାଶ କଥା ଉଠାଇଥିବା ବେଳେ ସପ୍ତଗିରି ନିଜ ସଂସଦୀୟ କ୍ଷେତ୍ରର ଦାବି କଥା ଜଣାଇଥିଲେ। ଗତ ଡିସେମ୍ବରରେ ସେ ଉକ୍ତ ଦାବି ସମ୍ପର୍କିତ ପତ୍ର କେନ୍ଦ୍ରମନ୍ତ୍ରୀଙ୍କୁ ଦେଇଥିଲେ ମଧ୍ୟ ଏଯାବତ୍ କିଛି ପଦକ୍ଷେପ ହୋଇ ନ ଥିବା ସେ ସାକ୍ଷାତ ଆଲୋଚନା ବେଳେ କହିଥିଲେ। ନିଜ ସଂସଦୀୟ କ୍ଷେତ୍ରରେ ଯୋଗାଯୋଗ ତଥା ଜାତୀୟ ରାଜପଥର ବିକାଶ ପାଇଁ ସେ ଦାବି ଜଣାଇଥିଲେ। ୨୬ ଓ ୩୨୬ ନମ୍ବର ଜାତୀୟ ରାଜପଥ ଏବେ ମରଣଯନ୍ତା ପାଲଟିଛି। ୨୬ ନଂ ଏନ୍‌ଏଚ୍ ବୋରିଗୁମ୍ମା, ଜୟପୁର, କୋରାପୁଟ, ପଟ୍ଟାଙ୍ଗି ଓ ସୁଙ୍କି ଦେଇ ଯାଇଥିବା ବେଳେ ପ୍ରାୟ ୧୫୦ କିମି ରାସ୍ତାରେ ଖାଲଖମା ଯୋଗୁ ନିତିଦିନ ଦୁର୍ଘଟଣା ଘଟୁଛି। ସେହିପରି ଜାତୀୟ ରାଜପଥ ୩୨୬ ଦୀର୍ଘ ୯ ବର୍ଷ ହେବ ନିର୍ମାଣ ଚାଲିଛି । ରାୟଗଡ଼ା- ଆସିକା ଭାୟା ଗୁମୁଡ଼ା- ଅଡବା- ମୋହନା ଦେଇ ଏହା ଯାଇଛି। କିନ୍ତୁ ମୁକୁନ୍ଦପୁର ଅଞ୍ଚଳରେ କାମ ଧିମେଇଛି। ଏହି ଦୁଇଟି ରାଜପଥକୁ ୪ ଲାଇନ କଲେ ଟ୍ରାଫିକ ସମସ୍ୟା ଦୂର ହେବ ବୋଲି ସେ ପ୍ରସ୍ତାବ ରଖିଛନ୍ତି। ସେହିପରି ରାଜପଥର ରାୟଗଡ଼ା, କୋରାପୁଟ, ଜୟପୁର, କାକିରିଗୁମ୍ମା ବାଇପାସ ତୁରନ୍ତ ନିର୍ମାଣ କରିବାକୁ ସେ ଦାବି କରିଛନ୍ତି। କୋରାପୁଟ ଜିଲା ଲମତାପୁଟ ବ୍ଲକର ୬ଟି ପଞ୍ଚାୟତ କୋଲାବ ଜଳଭଣ୍ଡାର ଯୋଗୁ ବିଚ୍ଛିନ୍ନ ହୋଇ ରହିଛନ୍ତି। ତେଣୁ କେନ୍ଦ୍ର ସରକାର ସିନ୍ଧିପୁଟରେ ୧୨ ଶହ ମିଟର ଜଳଭଣ୍ଡାର ଉପରେ ପୋଲ ନିର୍ମାଣ କରିବା ପାଇଁ ସପ୍ତଗିରି କେନ୍ଦ୍ରମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।



କେନ୍ଦ୍ରମନ୍ତ୍ରୀ ଓ ବିଭିନ୍ନ ଦଳର ଏମ୍‌ପି ଓ ନେତାଙ୍କ ସହ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟୁଛନ୍ତି ସପ୍ତଗିରି ।

**କୋରାପୁଟ ଏମ୍‌ପିଙ୍କ ଦାବି**
- ୨୬ ଓ ୩୨୬ ନମ୍ବର ଏନ୍‌ଏଚ୍ ୪ଲେନ୍ କରିବା
- ରାଜପଥର ୫ ସ୍ଥାନରେ ବାଇପାସ୍ ନିର୍ମାଣ
- ସିନ୍ଧିପୁଟରେ କୋଲାବ ଡ୍ୟାମ୍ ଉପରେ ପୋଲ

# ନୋଡାଲ ସେଣ୍ଟରରେ ପହଞ୍ଚିଲା ପ୍ରଶ୍ନପତ୍ର

ଜୟପୁର,୧୧।୨(ନି.ପ୍ର./ଡି.ଏନ୍.ଏ.)

ରାଜ୍ୟରେ ମାଟ୍ରିକ ପରୀକ୍ଷା ଓ ମଧ୍ୟମା ପାଇଁ ପ୍ରଶ୍ନପତ୍ର ଏବଂ ଉତ୍ତର ଖାତା ମଙ୍ଗଳବାର ଜୟପୁରରେ କରାଯାଇଥିବା ନୋଡାଲ ସେଣ୍ଟର ବାଳିକା ଉଚ୍ଚ ବିଦ୍ୟାଳୟରେ ପହଞ୍ଚିଛି। ପୋଲିସ ଓ ସିସିଟିଭି କ୍ୟାମେରାର ସୁରକ୍ଷା ଭିତରେ ଏହି ପ୍ରଶ୍ନପତ୍ରକୁ ରଖାଯାଇଛି। ଏହି ନୋଡାଲ ସେଣ୍ଟରରୁ ୧୬ଟି ପରୀକ୍ଷାକେନ୍ଦ୍ରକୁ ପ୍ରଶ୍ନପତ୍ର ପଠାଯିବ। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ନୋଡାଲ କେନ୍ଦ୍ରରୁ ଜୟପୁର ସହରର ୪ଟି ବିଦ୍ୟାଳୟ ସମେତ ଜୟପୁର, ବୈପାରୀଗୁଡ଼ା ଓ କୁନ୍ଦୁରା ବ୍ଲକ ପରି ସମୁଦାୟ ୧୬ଟି ପରୀକ୍ଷାକେନ୍ଦ୍ରକୁ ପ୍ରଶ୍ନ ଓ ଉତ୍ତରଖାତା ଯିବ। ଏଥିରେ ଓଡ଼ିଆ, ଇଂରାଜୀ, ହିନ୍ଦୀ, ସଂସ୍କୃତ, ଭୋକେସନାଲ କୋର୍ସ ସହ ସବ ବିଷୟ ମଧ୍ୟମାର ପ୍ରଶ୍ନ ଓ ଉତ୍ତରଖାତା ରହିଛି।



ନୋଡାଲ ସେଣ୍ଟର ସୁରକ୍ଷାରେ ପ୍ରଶ୍ନପତ୍ର ।

# ଟ୍ରେନ୍‌ରେ କଟି ବୃଦ୍ଧଙ୍କ ମୃତ୍ୟୁ

ଦାମନଯୋଡ଼ି,୧୧।୨(ଡି.ଏନ୍.ଏ.)

କୋରାପୁଟ-ରାଉରକେଲା ଇଣ୍ଟରସିଟିରୁ ମଙ୍ଗଳବାର ଜଣେ ବୃଦ୍ଧ ଖସିପଡ଼ି ତାଙ୍କର ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ଜଗତସିଂହପୁର ଅଞ୍ଚଳର ବିଚିତ୍ରାନନ୍ଦ ବିଶ୍ୱାଳ (୭୦) ନିଜ ସ୍ତ୍ରୀ ଓ ପୁଅଙ୍କ ସହ ଦାମନଯୋଡ଼ିରେ ଅନୁଷ୍ଠିତ ଶ୍ରୀନିଗମାନନ୍ଦଙ୍କ ୬୯ତମ ପ୍ରାଦେଶିକ ଭକ୍ତ ସମ୍ମିଳନୀକୁ ଆସିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଦାମନଯୋଡ଼ି ଷ୍ଟେସନର ହୀରାଖଣ୍ଡ ଟ୍ରେନ୍‌କୁ ଅପେକ୍ଷା କରିଥିବା ବେଳେ ଭୁଲବଶତଃ ଇଣ୍ଟରସିଟିରେ ଚଢ଼ିଯାଇଥିଲେ। ଅନ୍ୟ ଯାତ୍ରୀଙ୍କଠାରୁ ଏହା ଜାଣିବା ପରେ ସେ ତରତର ହୋଇ ଓହ୍ଲାଇବା ବେଳେ ଟ୍ରେନ୍ ଛାଡ଼ି ଦେଇଥିଲା। ଫଳରେ ସେ ଧାରଣାରେ ଖସିପଡ଼ିବାରୁ ତାଙ୍କ ଉପରେ ଟ୍ରେନ୍ ଚଢ଼ିଯାଇ ହାତ କଟିଯାଇଥିଲା। ତୁରନ୍ତ ତାଙ୍କୁ ନାଲ୍‌କୋ ହସ୍‌ପିଟାଲ ନିଆଯାଇଥିଲା। କିନ୍ତୁ ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ଦାମନଯୋଡ଼ି ପୋଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି।

■ ୩ ବର୍ଷ ହେଲା ଅଧାରେ ୨ କଲଭର୍ଟ

# ଜିଲାପାଳଙ୍କ ଦ୍ୱାରସ୍ଥ ହେବେ ବାସିନ୍ଦା

ଦଶମନ୍ତପୁର,୧୧।୨(ଡି.ଏନ୍.ଏ.)

ଦଶମନ୍ତପୁର ବ୍ଲକ ପରଜା ବେଡ଼ାପଦର ପଞ୍ଚାୟତ ଭଞ୍ଜାଗୁଡ଼ା ଗ୍ରାମରେ ୩ ବର୍ଷ ହେବ ଅଧାରେ ପଡ଼ିଛି ୨ଟି କଲଭର୍ଟ କାମ। ଏହି ଗ୍ରାମରେ ଆଦିବାସୀ ଓ ପାଇକ ସଂପ୍ରଦାୟର ପରିବାର ରହୁଛନ୍ତି। ଗ୍ରାମବାସୀ କୌଣସି କାର୍ଯ୍ୟରେ ଦଶମନ୍ତପୁର ବ୍ଲକ କିମ୍ବା କୋରାପୁଟ ଯିବାକୁ ହେଲେ ୨ଟି ରାସ୍ତା ରହିଛି। ସେଥିରୁ ଭଞ୍ଜାଗୁଡ଼ା ଛକ ରାସ୍ତା ମରଣଯନ୍ତା ହୋଇଥିବାରୁ ଲୋକେ ସେହି ପଞ୍ଚାୟତର ଠେଲଗୁଡ଼ା ଛକ ରାସ୍ତାକୁ ବ୍ୟବହାର କରନ୍ତି। କିନ୍ତୁ ୨ ସାହିର ମଝିରେ ଥିବା ଝୁରୁଡ଼ି ଝୋଲାରେ ଏକ କଲଭର୍ଟ ୩ ବର୍ଷ ହେବ ଅଧାରେ ପଡ଼ିଛି। ବର୍ଷାଦିନେ ଏହି ରାସ୍ତାରେ ଯାତାୟତ ଚିନ୍ତା ବଢ଼ିଯାଏ ବୋଲି ଗ୍ରାମର ତ୍ରିନାଥ ପ୍ରଧାନୀ, ଭୀମ ନାୟକ, କୁନୁ ନାୟକ, ବୁଦ୍ଧୁ ରାଉତ, ଭଗବାନ ନାୟକ, ଧନୁର୍ଯ୍ୟୟ ପ୍ରଧାନୀ, ଶିବ ନାୟକ, ଭଗବାନ ଦଳପତି କହିଛନ୍ତି। ଭଞ୍ଜାଗୁଡ଼ାରୁ ଡାଲିଗୁଡ଼ା ଗାଁର ସାନଟୋଟା ବେଡ଼ା ସ୍ଥାନରେ ମଧ ଏକ କଲଭର୍ଟ ଅଧାରେ ପଡ଼ିଛି। ସେହି ଗାଁର ଡଙ୍ଗରୁ ମୁଦୁଲି ଓ ରଘୁ ଜାନୀଙ୍କୁ ଆବାସ ଘର ମିଳିଥିଲେ ମଧ ନିର୍ମାଣ ପାଇଁ କିଛି ସାମଗ୍ରୀ ଆସିପାରୁ ନାହିଁ। ତୁରନ୍ତ ଉକ୍ତ କଲଭର୍ଟ ଦୁଇଟି ନିର୍ମାଣ ନ କଲେ ଜିଲାପାଳ କାର୍ଯ୍ୟାଳୟର ଦ୍ୱାରସ୍ଥ ହେବୁ ବୋଲି ଗାଁଲୋକେ ଚେତାବନୀ ଦେଇଛନ୍ତି। ଏନେଇ ଠିକାଦାର ମହେଶ୍ୱର ଦଳେଇଙ୍କୁ ପଚାରିବାରୁ ସେ କହିଛନ୍ତି, ବିଭାଗୀୟ କନିଷ୍ଠ ଯନ୍ତ୍ରୀ ବିଲ୍ ନ କରିବାରୁ ବାଧହୋଇ ସେମାନେ କାର୍ଯ୍ୟ ସ୍ଥଗିତ ରଖିଛନ୍ତି। ବିଡିଓ ଉମ୍ବରୁଧର ମଲ୍ଲିକ କହିଛନ୍ତି, ମୁଁ ଘଟଣାସ୍ଥଳକୁ ଯାଇ ତଦନ୍ତ ପରେ ଯାହା ବ୍ୟବସ୍ଥା କରିବି।



ଅଧାରେ ପଡିଥିବା କଲଭର୍ଟ ।

# ନାଳରେ ପଡ଼ି ବୃଦ୍ଧଙ୍କ ମୃତ୍ୟୁ

ଲକ୍ଷ୍ମୀପୁର,୧୧।୨(ଡି.ଏନ୍.ଏ.)

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକର ଭିତରଗଡ଼ ପଞ୍ଚାୟତ ଅଧୀନ ଜାନିଗୁଡ଼ା ନାଳରେ ପଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତ ବ୍ୟକ୍ତି ଜଣଙ୍କ କାପ୍‌ସିପୁଟ ଗ୍ରାମର କ୍ରିଷ୍ଣା ସାଉନ୍ତାଙ୍କ ପୁତ୍ର ତୁରୁକ ସାଉନ୍ତା (୫୫) ବୋଲି ଜଣାପଡ଼ିଛି। ଏନେଇ ପରିବାର ଲୋକେ କାକିରିଗୁମ୍ମା ଥାନାରେ ସନ୍ଦେହଜନକ ମୃତ୍ୟୁ ବୋଲି ଅଭିଯୋଗ କରିଛନ୍ତି।

ଅଭିଯୋଗ ଆଧାରରେ ଥାନା ଏସ୍‌ଆଇ କିଶୋର ଚନ୍ଦ୍ର ଚୌଧୁରୀ, ଲକ୍ଷ୍ମୀପୁର ତହସିଲଦାର ମଧୁମିତା ପାମେଲକର, ରାଜସ୍ୱ ନିରୀକ୍ଷକ କାଳି ମିଶ୍ର ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି କେସ୍ ନଂ ୨/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛନ୍ତି। ପରିବାର ଲୋକଙ୍କ ପାଇଁ ସରକାର ଆର୍ଥିକ ସହାୟତା ଦେବା ପାଇଁ ସାଧାରଣରେ ଦାବି ହୋଇଛି।

■ ପ୍ରଶାସନ-ଗ୍ରାମବାସୀ-ଅଭିଭାବକ ଆଲୋଚନା

# ଖୋଲିଲା ହାତିଗୁଡ଼ା ପଞ୍ଚାୟତର ସବୁ ସ୍କୁଲ



ଶିକ୍ଷାଧିକାରୀଙ୍କ ସହ ଗ୍ରାମବାସୀ ଓ ଅଭିଭାବକମାନେ ଆଲୋଚନା କରୁଛନ୍ତି ।

ଟିକିରି,୧୧।୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶିପୁର ବ୍ଲକ ହାତିଗୁଡ଼ା ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟର ସମସ୍ୟା ନେଇ ସୋମବାରଠାରୁ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ୧୦ଟି ସ୍କୁଲରେ ତାଲା ପଡ଼ିଛି। ଶିକ୍ଷକ ଅଭାବ, ବିଦ୍ୟାଳୟକୁ ପକ୍କା ରାସ୍ତା, ନୂତନ କୋଠାଘର, ପାଚେରି, ଶିକ୍ଷକମାନେ ନିୟମିତ ଆସିବା ଭଳି ସମସ୍ୟା ଓ ଦାବି ନେଇ ଶହୀଦ ଲକ୍ଷ୍ମଣ ନାୟକ ଆଦର୍ଶ ଛାତ୍ର ଯୁବ ମଞ୍ଚ ଓ ସ୍କୁଲ ପରିଚାଳନା କମିଟି ନେତୃତ୍ୱରେ ଏହି ତାଲା ପକାଯାଇଛି। ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ନିର୍ଦ୍ଦେଶରେ ମଙ୍ଗଳବାର ବ୍ଲକ ଶିକ୍ଷାଧିକାରୀ ରାଜାରାଓ ଧୋବାଙ୍କ ସହ ଏବିଇଓ ଜୀବନ ଖରା, ରେଙ୍ଗୁ ନାଏକ ସ୍କୁଲଗୁଡ଼ିକୁ ପରିଦର୍ଶନରେ ଯାଇଥିଲେ। ସେମାନେ ବାଗ୍ରିଝୋଲା ସ୍କୁଲରେ ଶହୀଦ ଲକ୍ଷ୍ମଣ ନାୟକ, ଆଦର୍ଶ ପୁତ୍ର ଯୁବମଞ୍ଚ ଓ ସ୍କୁଲ ପରିଚାଳନା କମିଟି ଏକା ସାଙ୍ଗରେ ବସି ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ବ୍ଲକ ଶିକ୍ଷାଧିକାରୀ କହିଥିଲେ ପ୍ରଥମେ ବାଗ୍ରିଝୋଲା ଓ ହାତିଗୁଡ଼ା ସ୍କୁଲକୁ ଶିକ୍ଷକ ଦିଆଯିବ। ସେଠାରେ ପିଲା ସଂଖ୍ୟା ଦେଖି ଅନ୍ୟ ସ୍କୁଲରେ ମଧ୍ୟ ଶିକ୍ଷକ ନିଯୁକ୍ତି ମିଳିବ। ଏହାସହ ହାତିଗୁଡ଼ା, ବାଗ୍ରିଝୋଲା, ଲଛୁଗୁଡ଼ାରେ ନୂତନ ସ୍କୁଲ କୋଠା ନିର୍ମାଣ ହେବ । ଟଙ୍କା ଆସିଯାଇଛି କେବଳ ଜାଗା ଚିହ୍ନଟ କରିବାର ଅଛି। ଆରଆଇ ଚିହ୍ନଟ କଲେ ଖୁବ୍‌ଶୀଘ୍ର ନୂତନ ଘର ନିର୍ମାଣ ହେବ। ପ୍ରତ୍ୟେକ ବିଦ୍ୟାଳୟରେ ପାନୀୟଜଳ, ଶୌଚାଳୟ, ରାସ୍ତା ପାଇଁ ବିଡିଓଙ୍କୁ କହି ବ୍ୟବସ୍ଥା କରାଯିବ। ବୁଧବାରଠାରୁ ସମସ୍ତ ସ୍କୁଲ ଖୋଲାଯିବ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ପଞ୍ଚାୟତର ବାଗ୍ରିଝୋଲା, ହାତିଗୁଡ଼ା, ଲପ୍ତଗୁଡ଼ା, ଗୁଗୁପୁଟ, ଭିତରମୁଷକ୍ରନି, କାର୍ଲି, ଟିକରାପଡ଼ା, ନୂଆପଡ଼ା, ଡିମୁଣ୍ଡି, ମାସ୍କାକଣା ସ୍କୁଲରେ ତାଲା ପଡ଼ିଥିଲା। ଶିକ୍ଷା ବିଭାଗର ପ୍ରତିଶ୍ରୁତି ପରେ ସମସ୍ତ ବିଦ୍ୟାଳୟ ଖୋଲାଯିବ ବୋଲି ଶଙ୍କର ମୁଦୁଲି, ଶିବ ଝଡିଆ, ବାଭିମାଝି, ବଳରାମ ଝଡିଆ କହିଛନ୍ତି।

# କ୍ୟାମେରା ସତର୍କ ଦୃଷ୍ଟିରେ କୋଟପାଡ଼ ସହର

ଚାନ୍ଦିଲି(କୋଟପାଡ଼), ୧୧।୨(ଡି.ଏନ୍.ଏ.)

କୋଟପାଡ଼ ସହରରେ ବିଧିବଦ୍ଧ ଭାବେ କାର୍ଯ୍ୟକ୍ଷମ ହୋଇଛି ସିସିଟିଭି କ୍ୟାମେରା। ମଙ୍ଗଳବାର ପୂର୍ବାହ୍ନରେ କୋରାପୁଟ ଜିଲା ପୋଲିସ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବୟନଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ, ଏସ୍‌ପି ମୁକେଶ କୁମାର ଭାମୋ, ଏଏସ୍‌ପି ହରେକୃଷ୍ଣ ପ୍ରଧାନ ଯୋଗଦେଇ ଥାନା ପରିସରରେ ସିସିଟିଭି ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ମନ୍ତ୍ରୀଙ୍କ ଦ୍ୱାରା ୧୫ ଲକ୍ଷ ଟଙ୍କାର ଅନୁଦାନ ଓ ଜିଲା ପୋଲିସ ସହାୟତାରେ ୩୦ରୁ ଅଧିକ କ୍ୟାମେରା ସହରର ବିଭିନ୍ନ ସ୍ଥାନରେ ଲଗାଯାଇଛି। ଏହି ଅବସରରେ ପୋଲିସ ପକ୍ଷରୁ ଏକ ସଚେତନତା ସଭା ହୋଇଥିଲା। ଏଥିରେ ମନ୍ତ୍ରୀ ଦିଆନ, ଏସ୍‌ପି ଭାମୋ, ପୂର୍ବତନ ବିଧାୟକ ଚନ୍ଦ୍ରଶେଖର ମାଝୀ, ଓକିଲ ସଂଘ ସଭାପତି ମଣିପ୍ରସାଦ ପଟ୍ଟନାୟକ, ଉପସଭାପତି ସୁଧୀର ମହାନ୍ତି, ପ୍ରେସ କ୍ଲବ ସଭାପତି ପଙ୍କଜ ପାତ୍ର, ଥାନା ଅଧିକାରୀ ଉଲ୍ଲାସ ମାଝୀ, ଜୟପୁର ଥାନା ଅଧିକାରୀ ବାଲେଶ୍ୱର ଗିଧି ବିଭିନ୍ନ ଆଇନ ସହ ଟ୍ରାଫିକ ନିୟମ ଉପରେ ଲୋକଙ୍କୁ ସଚେତନ କରାଇଥିଲେ। ଦୀର୍ଘଦିନରୁ ଏନଏସି ପକ୍ଷରୁ ଗାନ୍ଧୀ ଛକ ଓ କୁସୁମୀ ଛକରେ ଲଗାଯାଇଥିବା ଟ୍ରାଫିକ ସିଗନାଲ ପୋଷ୍ଟକୁ ଶୀଘ୍ର କାର୍ଯ୍ୟକ୍ଷମ କରେଇବା ପାଇଁ ଏସ୍‌ପି ଭାମୋ ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ପାଠାଗାର ସଭାପତି ଗଣେଶ ଚନ୍ଦ୍ର ପଣ୍ଡା, ଅବସରପ୍ରାପ୍ତ କର୍ମଚାରୀ ସଂଘ ସମ୍ପାଦକ ଆନନ୍ଦ ଦ୍ରାକ୍ଷଲତା, ପୂର୍ବତନ ନଗରପାଳ ଏମ. ଶଙ୍କର ରାଓ ଯୋଗ ଦେଇଥିଲେ। ପୋଲିସ କର୍ମଚାରୀ ଦିଲୀପ ପାଢ଼ୀ ମଞ୍ଚ ପରିଚାଳନା ଓ ଶେଷରେ ଥାନା ଅଧିକାରୀ ଉଲ୍ଲାସ ମାଝୀ ଧନ୍ୟବାଦ ଦେଇଥିଲେ।





ସିସିଟିଭି ଶୁଭାରମ୍ଭ କାର୍ଯ୍ୟକ୍ରମରେ ମନ୍ତ୍ରୀ ପଦ୍ମିନୀ ଦିଆନ, ଏସ୍‌ପି ମୁକେଶ କୁମାର ଭାମୋ ଓ ଅନ୍ୟମାନେ ।

- ସିସିଟିଭି ବ୍ୟବସ୍ଥାର ଶୁଭାରମ୍ଭ କଲେ ବୟନଶିଳ୍ପ ମନ୍ତ୍ରୀ, ଏସ୍‌ପି
- ପୋଲିସ ପକ୍ଷରୁ ସେବା, ସୁରକ୍ଷା ଓ ସଚେତନତା ଶିବିର

# ସଂପ୍ରସାରଣ ସରିଲାଣି, ରାସ୍ତା ମଝିରୁ ହଟୁନି ଖୁଣ୍ଟ

ଜୟପୁର,୧୧।୨(ନି.ପ୍ର.)

ଜୟପୁର ସହରର ରାସ୍ତା ସଂପ୍ରସାରଣ କାମ ସରିଲା। କିନ୍ତୁ ରାସ୍ତା ମଝିରୁ ହଟିଲାନି ବିଦ୍ୟୁତ ଖୁଣ୍ଟ ଓ ନଳକୂପ। ପ୍ରଶାସନିକ ଅବହେଳା ଯୋଗୁ ୩ ବର୍ଷ ହେବ ସାଧାରଣ ଲୋକେ ଏହି କାରଣରୁ ହଇରାଣ ହେବା ସହ ଛୋଟ ବଡ଼ ଦୁର୍ଘଟଣା ମଧ ଘଟୁଛି।

୩ ବର୍ଷ ତଳେ ଜୟପୁର ସହରର ବେଲରୋଡରୁ ରାଞ୍ଚି-ବିଜୟୱାଡ଼ା କରିଡର ଯାଏ ରାସ୍ତା ସଂପ୍ରସାରଣ କରାଯାଇଥିଲା। ଜବରଦଖଲକାରୀଙ୍କୁ ହଟାଇବା ପରେ ରାସ୍ତା ନିର୍ମାଣ କାମ ହୋଇଥିଲା। ଯୋଜନା ମୁତାବକ ପ୍ରସାଦ ରାଓପେଟାରୁ କୁମ୍ଭାରସାହି ଶେଷ ଯାଏ ଥିବା ବିଦ୍ୟୁତ ଓ ଟେଲିଫୋନ ଖୁଣ୍ଟ, ନଳକୂପ ସ୍ଥାନାନ୍ତର କରାଯିବାର ଥିଲା। କିନ୍ତୁ ତାହା ଆଜି ଯାଏ ହୋଇପାରି ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ବାସିନ୍ଦା ବାରମ୍ବାର ଅଭିଯୋଗ କଲେ ମଧ ପ୍ରଶାସନ ଶୁଣୁନାହିଁ। ୩୨୬ ନମ୍ବର ଜାତୀୟ ରାଜପଥକୁ ସଂଯୋଗ କରିବା ପାଇଁ ଏହି ରାସ୍ତାକୁ ୪୦ ଫୁଟ ଓସାର କରାଯାଇଥିବା ବେଳେ କାମ ଶେଷ ହେବା କ୍ଷଣି ଖୁଣ୍ଟକୁ ସ୍ଥାନାନ୍ତର କରିବାକୁ ନିଷ୍ପତ୍ତି ହୋଇଥିଲା। ପୌରାଞ୍ଚଳ ଅଧୀନରେ ଥିବା ଏହି ରାସ୍ତା ପୂର୍ତ୍ତ ବିଭାଗ ଅଧୀନକୁ ଯିବା ପରେ ଖୁଣ୍ଟ ହଟାଇବା ପାଇଁ ବିଭାଗ ପକ୍ଷରୁ ସାଉଥ୍‌କୋ ନିକଟରେ ସ୍ଥାନାନ୍ତର ପାଇଁ ଅଟକଳ ହୋଇଥିବା ଟଙ୍କା ପଇଠ କରାଯାଇଥିଲା। ଏହା ସତ୍ତ୍ୱେ ଏଯାବତ୍ ଖୁଣ୍ଟ ହଟିନାହିଁ। ଏ ସମ୍ପର୍କରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକ ରଞ୍ଜନ ସାମନ୍ତରାୟଙ୍କୁ ପଚାରିବାରୁ ସେ କହିଥିଲେ, ତୁରନ୍ତ ଖୁଣ୍ଟ ହଟାଇବାକୁ ସାଉଥ୍‌କୋ କର୍ତ୍ତୃପକ୍ଷଙ୍କୁ ଚିଠି କରି ଜଣାଇବି।



# ଛାତ୍ରୀ ନିବାସର ସୁରକ୍ଷା ନେଇ ଉଠିଲା ପ୍ରଶ୍ନ

ଜୟପୁର,୧୧।୨(ଡି.ଏନ୍.ଏ.)

ଜୟପୁର ବ୍ଲକ ବାମୁଣିପୁଟରେ ମଙ୍ଗଳ ବିଭାଗର ବିଦ୍ୟାଳୟ ଓ ଜୁନିୟର କଲେଜ ରହିଛି। କିନ୍ତୁ ଏହି ବିଦ୍ୟାଳୟର ଜୁନିୟର ମହାବିଦ୍ୟାଳୟ ପାଇଁ ନିର୍ମାଣ ହୋଇଥିବା ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀ ନିବାସ କେତେ ସୁରକ୍ଷିତ, ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ବାମୁଣିପୁଟ ବିଦ୍ୟାଳୟରେ ୨୦୧୮-୧୯ରେ ଯୁକ୍ତ ୨ ବିଜ୍ଞାନ ଆରମ୍ଭ ହୋଇଛି। ଏଥିପାଇଁ ବିଦ୍ୟାଳୟ ଅଫିସ୍‌ରୁ ୨୦୦ ଫୁଟ ଦୂରରେ ଜୁନିୟକ କଲେଜ ଶ୍ରେଣୀଗୃହ, ବିଜ୍ଞାନ ପରୀକ୍ଷାଗାର, ପାଖରେ ଛାତ୍ରୀ ନିବାସ ଓ ଏହାର ପାଚେରି ନିର୍ମାଣ ହୋଇଛି। ପାଚେରି ୬ଫୁଟ ଉଚ୍ଚ ହୋଇଥିବା ଯୋଗୁ ଉକ୍ତ ବିଦ୍ୟାଳୟର ଛାତ୍ରଙ୍କ ସମେତ ବାହାର ଯୁବକ ପାଚେରି ଡେଇଁ ଛାତ୍ରୀ ନିବାସ ପରିସରରେ ପ୍ରବେଶ କରିପାରିବେ। ବୁଧବାର ଖବର ସଂଗ୍ରହ ପାଇ 'ଧରିତ୍ରୀ' ଖବରଦାତା ଉକ୍ତ ବିଦ୍ୟାଳୟକୁ ଯାଇଥିବା ବେଳେ କେତେକ ଛାତ୍ର ଉକ୍ତ ଛାତ୍ରୀ ନିବାସ ପାଚେରିରେ ଚଢ଼ିଥିଲେ। କିନ୍ତୁ ଖବରଦାତାଙ୍କୁ ଦେଖି ଦୌଡ଼ି ପଳାଇଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରିବାରୁ ସେମାନେ କହିଥିଲେ, ୨୦୧୭ରୁ ଛାତ୍ରୀ ସ୍ଥାପନା ହେବା ଦିନଠାରୁ ଛାତ୍ରୀ ନିବାସର ମାଟ୍ରୋନ ନିଯୁକ୍ତ ହୋଇନାହାନ୍ତି। ରୋଷେଇ କରୁଥିବା ମହିଳା ରାତିରେ ଏଠାରେ ରହୁଛନ୍ତି। ଛାତ୍ରୀ ନିବାସର ସୁରକ୍ଷା ପାଇଁ ସିସିଟିଭି ବ୍ୟବସ୍ଥା ହୋଇନାହିଁ। ବିଦ୍ୟାଳୟ କାର୍ଯ୍ୟାଳୟରୁ ଛାତ୍ରୀ ନିବାସ ୨୦୦ ଫୁଟ ଦୂରରେ ଥିବାରୁ ଏହା ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନଜରକୁ ଆସିପାରୁ ନାହିଁ। ଏଠାରେ ଦୁଇସ୍ତରୀୟ ପାଚେରି ବ୍ୟବସ୍ଥା ନିୟମ ଥିଲେ ମଧ କେବଳ ଛାତ୍ରୀ ନିବାସରେ ପାଚେରି ରହିଛି। କିନ୍ତୁ ଯୁକ୍ତ ୨ ଛାତ୍ର ନିବାସ କିମ୍ବା ପରିସରରେ ପାଚେରି ନାହିଁ। ଏନେଇ ପ୍ରଧାନଶିକ୍ଷକ କୁଣ୍ଡଳ ବାଘ କହିଛନ୍ତି, ଛାତ୍ରୀ ନିବାସ ନିକଟରେ ଶିକ୍ଷକଙ୍କ ବାସଗୃହ ରହିଛି। ମାଟ୍ରୋନ ନ ଥିବା ଯୋଗୁ ସମସ୍ୟା ହେଉଛି। ଜିଲା ମଙ୍ଗଳ ଅଧିକାରୀଙ୍କ ଫୋନକୁ ବାରମ୍ବାର କଲ୍ ଓ ମେସେଜରେ ଯୋଗାଯୋଗ କରିଥିଲେ ମଧ ତାଙ୍କଠାରୁ ଉତ୍ତର ମିଳି ନ ଥିଲା। ଆଇଟିଡିଏ ପିଏ ଗୋପୀନାଥ ସାରକା କହିଛନ୍ତି, ଏନେଇ କି ବ୍ୟବସ୍ଥା ହୋଇପାରିବ, ତଦାରଖ ପରେ କରାଯିବ।

**ବାମୁଣିପୁଟ ମଙ୍ଗଳ ବିଭାଗ ବିଦ୍ୟାଳୟ**





ଗୋଟିଏ ମାରାତ୍ମକ ମିଥ୍ୟା କହି ଜଣେ ଯଦି ତାକୁ ସତ୍ୟ ବୋଲି ପ୍ରମାଣିତ କରିଦେଇ ପାରିଲା, ତେବେ ସିଏ ହିଁ ସବୁଠାରୁ ବଳି ବିପଜ୍ଜନକ ଲୋକ।
- ଶିଶେରୋ



## ସଂକ୍ଷେପରେ



### ମଣ୍ଡଳସ୍ତରୀୟ ବିତ୍ତୀୟ ସାକ୍ଷରତା କର୍ମଶାଳା ଶିବିର

**ରାୟଗଡ଼ା ଅଫିସ , ୧୧।୨:** ସ୍ଥାନୀୟ ରାୟଗଡ଼ା ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ ରାୟଗଡ଼ା ମଣ୍ଡଳସ୍ତରୀୟ ବିତ୍ତୀୟ ସାକ୍ଷରତା କର୍ମଶାଳା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ପ୍ରମୋଦ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲେ । ରିଜର୍ଭ ବ୍ୟାଙ୍କ ଦ୍ୱାରା ସ୍ୱୀକୃତ ପ୍ରଦାନ ହୋଇ ନ ଥିବା କୌଣସି ସଂସ୍ଥାରେ ଟଙ୍କା ଜମା କରନ୍ତୁ ନାହିଁ । ଉଚ୍ଚ ସୁଧ ହାର ପାଇବା ଆଶାରେ କୌଣସି ଗ୍ରୁପରେ ଟଙ୍କା ଦେଇ ଠକାମିର ଶିକାର ହୁଅନ୍ତୁ ନାହିଁ ବୋଲି ଜିଲାପାଳ କହିଥିଲେ । ଏଥିରେ ରାୟଗଡ଼ା ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ ସଭାପତିତ୍ୱ କରି କେନ୍ଦ୍ର ସରକାରଙ୍କ ପ୍ରଚଳିତ ବୀମା ଯୋଜନାରେ ନିଜକୁ ସାମିଲ କରିବା ପାଇଁ ପରାମର୍ଶ ଦେଇଥିଲେ । ସ୍ଥାନୀୟ ଷ୍ଟେଟ ବ୍ୟାଙ୍କର ମୁଖ୍ୟ ଜିଲା ପରିଚାଳକ ଧୀରେନ୍ଦ୍ର କୁମାର ବିହାରୀ ଏବଂ ବିତ୍ତୀୟ ଅନ୍ତର୍ଭୁକ୍ତୀକରଣ ଅଧିକାରୀ ମନୋଜ ନାୟକ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଜୋଜନା ଓ ଅଟଳ ପେନସନ ଯୋଜନାରେ ସାମିଲ ହେଲେ କିପରି ଦୁର୍ଘଟଣା ଜନିତ ବିମାରାଶିର ଲାଭବାନ ହେବେ ସେ ବିଷୟରେ ବୁଝାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରବନ୍ଧକ ଆଇ ପି ବିପି କଲ୍ୟାଣୀ କୁମ୍ଭାର, ଉପଖଣ୍ଡ ଡ଼ାକଘର ନିରୀକ୍ଷକ କିରଣ କୁମାର ପାତ୍ର ଏବଂ ବିଭିନ୍ନ ବ୍ଲକର ପ୍ରତିନିଧି , ଜିଲାପରିଷଦ ସଦସ୍ୟ, ସରପଞ୍ଚ ଏବଂ ଜନସାଧାରଣ ଉପସ୍ଥିତ ଥିଲେ । ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ଧ୍ରୁବ କୁମାର ନାୟକ ଡ଼ାକ ଘରରେ ପ୍ରଚଳିତ ବିଭିନ୍ନ ସଞ୍ଚୟ ଯୋଜନା ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ । ଶିବିରରେ ୧୦୦ରୁ ଉର୍ଦ୍ଧ୍ୱ ଜନ ସାଧାରଣ ଯୋଗ ଦେଇଥିଲେ ।

### ଟିକିରି ଶୁଣ୍ଡି ସଂଘ ସାଧାରଣ ବୈଠକ



**ଟିକିରି,୧୧।୨(ଡି.ଏନ୍.ଏ.):** ରାୟଗଡ଼ା ଜିଲା କାଶିପୁର ବ୍ଲକ ଟିକିରିସ୍ଥିତ ହନୁମାନ ମନ୍ଦିରରେ ମଙ୍ଗଳବାର ଶୁଣ୍ଡି ସମାଜର ଏକ ବୈଠକ ଅନୁଷ୍ଠିତ ହୋଇଛି। ଟିକିରି ଶୁଣ୍ଡି ସମାଜର ସଭାପତି ବିଜୟ ଚୌଧୁରୀ, ସମ୍ପାଦକ ଡମ୍ବରୁଧର ସାହୁ, କୋଷାଧକ୍ଷ ହରିଶ୍ଚନ୍ଦ୍ର ସାହୁ ଓ ପରିଚାଳନା କମିଟିଙ୍କ ତତ୍ତ୍ୱାବଧାନରେ ଏହି ସଭା ହୋଇଥିଲା। ଏଥିରେ କାଶିପୁର ବ୍ଲକର ଟିକିରି, ଜାମୁଗୁଡ଼ା, ଗୋରଖପୁର, ସର୍ଗିଗୁଡ଼ା, ଡୁଡୁକାବାହାଲ, ଖୁରୀଗାଁ, ଧାମାଗୁଡ଼ା, କଂସାରୀ, ବାଙ୍କାମ୍ଭ, କଡିଙ୍ଗା, ସିଙ୍ଗାରାମ, ପୋଡ଼ାଆଡ଼ି ଓ ପାପଡ଼ାର ପ୍ରାୟ ୧୦ ଜଣ ସଦସ୍ୟ ଯୋଗଦେଇ ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ। ପ୍ରଥମେ ଏହି ବର୍ଷ ଭିତରେ ପରଲୋକଗତ ହୋଇଥିବା ବ୍ୟକ୍ତିବିଶେଷଙ୍କ ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ବୈଠକରେ ସଂଘର ଉନ୍ନତି, ଆଗାମୀ ଦିନରେ ରକ୍ତଦାନ ଶିବିର ଆୟୋଜନ, ମେଧାବୀ ଛାତ୍ରୀଛାତ୍ରଙ୍କୁ ସହାୟତା ଦେବା ଉପରେ ଆଲୋଚନା କରାଯାଇଥିଲା।

## ■ ମିନାଝୋଲା ବୁଲି ଦେଖିଲେ ଉପଜିଲାପାଳ

# ବିଭିନ୍ନ ସମସ୍ୟା ପଚାରି ବୁଝିଲେ

**ଚନ୍ଦ୍ରପୁର,୧୧।୨(ଡି.ଏନ୍.ଏ.)**



ମିନାଝୋଲା ଅଞ୍ଚଳ ବୁଲି ଦେଖୁଛନ୍ତି ଉପଜିଲାପାଳଙ୍କ ସହ ଅନ୍ୟ ଅଧିକାରୀ ଓ ଅଞ୍ଚଳବାସୀ ।

■ବାଲିବସ୍ତା ରଖି ପଥର ଖାଲଗୁଡିକୁ ସମତଳ କରିବାକୁ ପରାମର୍ଶ

■ଶିବରାତ୍ରି ଶାନ୍ତିଶୃଙ୍ଖଳାରେ କରିବା ନେଇ ଆଲୋଚନା

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକରେ ଥିବା ପ୍ରସିଦ୍ଧ ଶୈବପୀଠ ମିନାଝୋଲା ବୁଲି ଦେଖିଛନ୍ତି ଗୁଣପୁର ଉପଜିଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦର । ଆଉ କିଛି ଦିନ ପରେ ଏଠାରେ ଆୟୋଜିତ ହେବ ମହା ଶିବରାତ୍ରି । ଏନେଇ ସମସ୍ତ ପ୍ରସ୍ତୁତି ଜୋରେସୋରରେ ଚାଲିଛି । ଏଠାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ । ଏହାକୁ ଦୃଷ୍ଟିରେ ରଖି ମଙ୍ଗଳବାର ଗୁଣପୁର ଉପଜିଲାପାଳ ଶୈବପୀଠ ପରିଦର୍ଶନ କରି କିପରି ଏହି ଯାତ୍ରା ଶାନ୍ତିଶୃଙ୍ଖଳାର ସହ ଆୟୋଜିତ ହେବ ସେନେଇ ମୀନାଝୋଲା ଯାତ୍ରା କମିଟି ସଦସ୍ୟଙ୍କ ସହ ଆଲୋଚନା କରିଥିଲେ । କମିଟି ସଭାପତି ସାମ୍ଭଲୁ କିମ୍ଭାକା, ସରପଞ୍ଚ କାଉ ମୁନିଙ୍କ ସମେତ ଅଞ୍ଚଳବାସୀଙ୍କୁ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ । ଏଥିସହ ଶ୍ରଦ୍ଧାଳୁଙ୍କ ଯିବା ଆସିବା ପାଇଁ ସ୍ୱତନ୍ତ୍ର ବ୍ୟାରିକେଡ୍, କଂକ୍ରିଟ ପାହାଚ କରିବା ସହ ବାଲିବସ୍ତା ସାହାଯ୍ୟରେ ପଥର ଖାଲ , ଖମାଗୁଡ଼ିକୁ ସମତଳ କରିବା ପାଇଁ ବ୍ଲକ ବିଡିଓ ଜର୍ଜ ଡୁଙ୍ଗ ଡୁଙ୍ଗ ଓ କନିଷ୍ଠ ଯନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ଏହାପରେ ଚନ୍ଦ୍ରପୁର କାର୍ଯ୍ୟାଳୟକୁ ଯାଇ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଏକ ବୈଠକ କରିଥିଲେ। ସ୍ୱାସ୍ଥ୍ୟ ବିଭାଗ, ଗ୍ରାମ୍ୟ ଜଳଯୋଗାଣ ବିଭାଗ, ପୋଲିସ, ସିଆରପିଏଫ୍, ଅଗ୍ନିଶମ ବିଭାଗର ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ଏଥିସହ ମୀନାଝୋଲା ଯାତ୍ରା କମିଟିର ସଭାପତି ସଭ୍ୟମାନଙ୍କୁ ପୂର୍ଣ୍ଣମାତ୍ରାରେ ସହଯୋଗ କରି ଶ୍ରଦ୍ଧାଳୁମାନଙ୍କ ରାତ୍ରି ଯାପନ ସମୟରେ ଜେନେରେଟର ଦ୍ୱାରା ଆଲୋକ ବ୍ୟବସ୍ଥା ସହ ଦୁଇଚକିଆ , ଚାରିଚକିଆ ଭାରି ଯାନଗୁଡିକ ଯେମିତି ସୁବିଧାରେ ରହିପାରବ, ଭକ୍ତମାନେ ଯେମିତି ସୁବିଧାରେ ଦର୍ଶନ କରି ପାରିବେ ସେ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ବୈଠକରେ ବ୍ଲକ ଅଧକ୍ଷା ସଙ୍ଗୀତା ପ୍ରତିଙ୍ଗା, ଚନ୍ଦ୍ରପୁର ସରପଞ୍ଚ ସୁଜିତ କୁମାର ବ୍ରେଡେକା, ତହସିଲଦାର ମାନସ କୁମାର ଘଡେଇ, ଗ୍ରାମ୍ୟ ଜଳଯୋଗାଣ କନିଷ୍ଠ ଯନ୍ତ୍ରୀ ଜୀତେନ୍ଦ୍ର କୁମାର ପାତ୍ର, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ, ଯାତ୍ରା କମିଟି ସଭ୍ୟ ପୂର୍ଣ୍ଣ କିମ୍ଭାକା, କଡ଼ଦ କିମ୍ଭାକା, ଗୋଣି ବ୍ରେକେନବଡ଼ା, ବିଜେଡି ଯୁବ ସଭାପତି ତାମି ଗୁରୁନାଥ, ଚନ୍ଦ୍ରପୁର ଥାନା ଅଧିକାରୀ ଅରୁଣ ନାୟକ, ସମୀର ପ୍ରଧାନ, ଅଗ୍ନିଶମ ବିଭାଗ ଅଧିକାରୀ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ମିଟୁ ପ୍ରଧାନୀ, ଧାନୁମାଟି, କୁମୁରୁକା, ଟଙ୍ଗିଡି ଦିବାକାଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

## ଗ୍ୟାସ ଚୁଲାରୁ ପାଇପ ଖସି ୪ ଗୁରୁତର



ଆହତ ମହିଳାମାନେ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

**ରାୟଗଡ଼ା ଅଫିସ ,୧୧।୨**

ରାୟଗଡ଼ାର ଡ଼ିଏଫଓ କଲୋନୀ ୩ୟ ଲାଇନରେ ମଙ୍ଗଳବାର ଗ୍ୟାସ ଚୁଲାରୁ ପାଇପ୍ ଖସିଯିବାରୁ ଅଗ୍ନିକାଣ୍ଡ ଘଟି ୪ ମହିଳା ଗୁରୁତର ହୋଇଛନ୍ତି । ସେମାନେ ହେଲେ କଳାବତୀ ମାଣ୍ଡାଙ୍ଗୀ (୩୩), ସୁକାନ୍ତି ମିଣିଆକା(୩୦), ଲକ୍ଷ୍ମୀ କଣ୍ଡାଗରୀ (୪୦), ପାର୍ବତୀ କଣ୍ଡାଗରୀ (୪୦) । ସେମାନଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । କଳାବତୀ ୬୦ ପ୍ରତିଶତ ପୋଡ଼ି ଯାଇଥିବାରୁ ତାଙ୍କୁ କୋରାପୁଟ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ସେହିପରି ନନ୍ଦିଘୋଷ ଭୋଇ ( ୪୧)ଙ୍କୁ ନିଆଁର ଧାସ ବାଜିଥିବାରୁ କିଛି ଶୁଣିପାରୁ ନ ଥିବା ଜଣାଯାଇଛି । ଡ଼ିଏଫଓ କଲୋନୀର ମନୋଜ କୁମାର ସାହୁଙ୍କ ବାପାଙ୍କ ଶ୍ରାଦ୍ଧବାର୍ଷିକ ଉତ୍ସବ ନେଇ ଭୋଜି ଲାଗି ରନ୍ଧା ଯାଉଥିଲା । ଏଠାରେ କଲୋନୀର କେତେକ ମହିଳା ପରିବା କାଟୁଥିଲେ । ଏହି ସମୟରେ ଗ୍ୟାସ ଚୁଲାଟି ଅତ୍ୟଧିକ ଗରମ ହୋଇଯିବାରୁ ଚୁଲାରୁ ପାଇପ୍ ଖସି ୪ ଜଣ ମହିଳା ଗୁରୁତର ହୋଇଥିବାବେଳେ ୨ ଜଣ ସାମାନ୍ୟ ଆହତ ହୋଇଥିଲେ ।

## ଗୋରୁ ଫସଲ କ୍ଷତି କରୁଥିବା ନେଇ ଦାବିପତ୍ର



ସହକାରୀ ଜିଲାପାଳ ରିନା ପ୍ରଧାନ ଦାବିପତ୍ର ଗ୍ରହଣ କରୁଛନ୍ତି ।

**ଗୁଣପୁର,୧୧।୨(ଡି.ଏନ.ଏ)**

ରାୟଗଡା ଜିଲା ରାମନାଗୁଡା ବ୍ଲକ ନିଲାମଗୁଡା ପଞ୍ଚାୟତ ଅଞ୍ଚଳରେ ଥିବା ଚାଷ ଜମିଗୁଡିକରେ ଗୋରୁ ପଶି ନଷ୍ଟ କରୁଥିବା ଅଭିଯୋଗ ହୋଇଛି । ଏନେଇ ସ୍ଥାନୀୟ ଲୋକେ ମଙ୍ଗଳବାର ଉପଜିଲାପାଳଙ୍କ ଉଦ୍ଦେଶ୍ୟରେ ସହକାରୀ ଜିଲାପାଳ ରିନା ପ୍ରଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସେମାନେ ଅଭିଯୋଗ କରିଛନ୍ତି ଯେ,ବହୁ କଷ୍ଟ କରି ଜମିରେ ବିଭିନ୍ନ ପ୍ରକାର ଫସଲ ଚାଷ କରିଛୁ । ହେଲେ ଗୋରୁ ପଶି ତାହାକୁ ନଷ୍ଟ କରି ଦେଉଛନ୍ତି । ଏନେଇ ବିଭିନ୍ନ ସମୟରେ ଅଭିଯୋଗ ମଧ୍ୟ କରିଛୁ । ହେଲେ ତାହାର କୌଣସି ପ୍ରତିକାର ହେଉନାହିଁ । କିଛି ଦିନ ତଳେ ଗାଈଗୁଡିକ ଫସଲ ଖାଉ ଥିବାବେଳେ ଅଟକ ରଖିଥିଲୁ । ଥାନାକୁ ମଧ୍ୟ ଜଣାଇଥିଲୁ । ଯାହାର ଗାଈ ସେମାନେ ଆସିବେ ବୋଲି କହି ଆସୁନାହାନ୍ତି । ତେଣୁ ଅଞ୍ଚଳର ସମସ୍ୟାକୁ ଦୃଷ୍ଟିରେ ରଖି ସେମାନଙ୍କ ସମସ୍ୟାର ସମାଧାନ କରାଯିବାକୁ ଚାଷୀ ସମୁହ ଦାବି କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ପୂର୍ବତନ ବିଧାୟକ ରାମମୂର୍ତ୍ତି ଗମାଙ୍ଗ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ବିଜୟ ଗମାଙ୍ଗଙ୍କ ସମେତ ପଞ୍ଚାୟତର ବିଭିନ୍ନ ଅଞ୍ଚଳରୁ ଆସିଥିବା ଲୋକମାନ ଉପସ୍ଥିତ ଥିଲେ ।

# ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା

**ମୁନିଗୁଡା, ୧୧।୨ (ଡି.ଏନ୍.ଏ.)**




କାର୍ଯ୍ୟକ୍ରମରେ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ସହ ଅନ୍ୟମାନେ ।

ରାୟଗଡ଼ା ଜିଲାର ମୁନିଗୁଡା ବ୍ଲକ ଅନ୍ତର୍ଗତ କୁମୁଡାବାଲି ବାଲୁଙ୍କେଶ୍ୱର ଶୈବପୀଠ ପ୍ରାଙ୍ଗଣରେ ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିସହ କୃଷି ଯନ୍ତ୍ରପାତି, ବିହନ, ଖାଦ୍ୟଶସ୍ୟ, ପନିପରିବା, ପାରମ୍ପରିକ ଖାଦ୍ୟ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା । ମୁଖ୍ୟ ଜିଲା କୃଷି ଅଧିକାରୀ ପ୍ରଦୀପ କୁମାର ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ମେଳାରେ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି କୃଷି ଓ କୃଷିଜୀବୀଙ୍କ ସାମାଜିକ ଏବଂ ଆର୍ଥିକ ଉନ୍ନତି ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରକାଶ କରିଥିଲେ। ସରପଞ୍ଚ ରାମଚନ୍ଦ୍ର ପିଡିକାକା, ଗୌରାଙ୍ଗ ପିଡିକାକା, ସମିତି ସଭ୍ୟା ଯମୁନା ମାଝି ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧରେ କୃଷି ଜିଲା ଅଧିକାରୀ ନିରଞ୍ଜନ ମହାନ୍ତି, ଜଳଛାୟା ମିଶନ ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ କୁମାର ମଲିକ, କୃଷି ବିଜ୍ଞାନକେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ବିନୋଦ ଚନ୍ଦ୍ର ଜେନା, ଉଠା ଜଳସେଚନ ବିଭାଗ କନିଷ୍ଠ ଯନ୍ତ୍ରୀ ରଥ ହୁଇକା, ଓଡ଼ିଶା ଜୀବିକା ମିଶନ ବ୍ଲକ କାର୍ଯ୍ୟକ୍ରମ ପ୍ରବନ୍ଧକ କ୍ଷୀରୋଦ ଭୂୟାଁ, ଉଦ୍ୟାନ କୃଷି ସମ୍ପ୍ରସାରଣ ଅଧିକାରୀ ସୁଧୀର ବିଭାର, ସହକାରୀ କୃଷି ଅଧିକାରୀ ରବି ଶବର, ଅଜିତ୍ ରଞ୍ଜନ ମହାକୁଡ, ଅନନ୍ତ ନୁଣ୍ଡୁକା ପ୍ରମୁଖ ଯୋଗ ଦେଇ ପୂର୍ବ ଭାରତରେ ସବୁଜ ବିପ୍ଳବ, ସମନ୍ୱିତ ଓ ଜୈବିକ କୃଷି ପଦ୍ଧତି, ଫଳ ଓ ପନିପରିବା ଚାଷ, ଜଳନିଧି ଯୋଜନା, କ୍ଷୁଦ୍ର ଦାନାଯୁକ୍ତ ଶସ୍ୟ ଚାଷ, ନୀଳ ବିପ୍ଳବ, ମତ୍ସ୍ୟ ଚାଷ ଆଦି ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ଯୋଜନାରେ ସ୍ୱୟଂଚାଳିତ ପାଣି ଉଠାଯନ୍ତ୍ର ଏବଂ ସିଞ୍ଚନ ଯନ୍ତ୍ର ନିର୍ମାଣ ପାଇଁ ସଫଳ ଚାଷୀ ବିରଞ୍ଚି ଗୌଡ, ଭରତ କାଶୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପାରମ୍ପରିକ ଖାଦ୍ୟ, ବିହନ, ପନିପରିବା, କୃଷି ଯନ୍ତ୍ରପାତି ଆଦି ପ୍ରଦର୍ଶନ ଓ ବିକ୍ରୟ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଉତ୍ତମ କୁମାର ଦାସ, ରଙ୍କନିଧି ପ୍ରଧାନ, ଲୋପାମୁଦ୍ରା ଖୁଣ୍ଟିଆଙ୍କ ସମେତ ବିଭାଗୀୟ ଅଧିକାରୀ, କୃଷକ ସାଥୀମାନେ ସହଯୋଗ କରିଥିଲେ। ସହକାରୀ କୃଷି ଅଧିକାରୀ ରବି ଶବର ଧନ୍ୟବାଦ ଦେଇଥିଲେ ।

## ପୂର୍ବତନ ପୌରାଧ୍ୟକ୍ଷଙ୍କ ସ୍ମୃତିଚାରଣ

**ରାୟଗଡ଼ା ଅଫିସ, ୧୧।୨**

ପୂର୍ବତନ ପୌରାଧ୍ୟକ୍ଷ ସ୍ୱର୍ଗତ କୃଷ୍ଣଚନ୍ଦ୍ର ବକ୍ସିପାତ୍ରଙ୍କ ୧୦ମ ଶ୍ରାଦ୍ଧ ଦିବସ ମଙ୍ଗଳବାର ରାୟଗଡ଼ା ପୌର ପରିଷଦ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଏଠାରେ ଥିବା ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ତାଙ୍କର ସ୍ମୃତି ଚାରଣ କରିଥିଲେ। କୃଷ୍ଣଚନ୍ଦ୍ର ବକ୍ସିପାତ୍ର ସ୍ମୃତି କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସଚ୍ଚିଦାନନ୍ଦ ଶତପଥୀ , ସରକାରୀ ଓକିଲ ସଚ୍ଚିଦାନନ୍ଦ ଖାଡ଼ାଙ୍ଗା ଉପସ୍ଥିତ ଥିଲେ।

## ଅଟୋ ଦୁର୍ଘଟଣା ଗ୍ରସ୍ତ, ୧୩ ଛାତ୍ରୀ ଆହତ



**ଗୁଣପୁର,୧୧।୨(ଡି.ଏନ.ଏ)**

ରାୟଗଡା ଜିଲା ରାମନାଗୁଡା ବ୍ଲକ ପାରଳା ନିକଟରେ ଏକ ଅଟୋ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୩ରୁ ଉର୍ଦ୍ଧ୍ୱ ସ୍କୁଲ ଛାତ୍ରୀ ଆହତ ହୋଇଛନ୍ତି । ଅନ୍ୟ ଜଣେ ଗୁରୁତର ହୋଇଛନ୍ତି । ସେମାନଙ୍କୁ ରାମନାଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିକରାଯାଇଛି। ରାମନାଗୁଡା ଆଦର୍ଶ ବିଦ୍ୟାଳୟର ୧୪ ଛାତ୍ରୀ ଏକ ଅଟୋ ଯୋଗେ ଘରକୁ ଫେରୁଥିଲେ । ପାରଳା ରାସ୍ତା ନିକଟରେ ଅଟୋଟି ଏକ ଛେଳିକୁ ଧକ୍କା ଦେବାରୁ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ଅଟୋରେ ବସିଥିବା ଛାତ୍ରୀମାନେ ଆହତ ହୋଇଥିଲେ। ଏହି ସମୟରେ ସେହି ରାସ୍ତା ଦେଇ ଯାଉଥିବା ଗୁଣପୁର ଜିଲାପରିଷଦ ସଭ୍ୟ ଅଶ୍ୱିନୀ ଗମାଙ୍ଗ ଆହତମାନଙ୍କୁ ଉଦ୍ଧାର କରି ନିଜ ଗାଡିରେ ରାମନାଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଆହତ ଛାତ୍ରୀମାନେ ଘରକୁ ଫେରିଥିବା ବେଳେ ଗୁରୁତର ଛାତ୍ରୀଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।

## ଆଧୁନିକ କୌଶଳରେ ଚାଷ କରିବାକୁ ପରାମର୍ଶ

**ପଦ୍ମପୁର, ୧୧।୨(ଡ଼ି.ଏନ.ଏ)**

ଆଧୁନିକ ଜ୍ଞାନକୌଶଳରେ ଚାଷୀ ଚାଷ କଲେ ପ୍ରଚୁର ଲାଭ ମିଳିବ। ସେ ଧାନଚାଷ ହେଉ କି ପଶୁପାଳନ, ମାଛ ଚାଷ, ଉଦ୍ୟାନ ଚାଷ ସବୁଥିରେ ଉତ୍ତମ ଜ୍ଞାନକୌଶଳ ପ୍ରୟୋଗ ଦ୍ୱାରା ଜଣେ ଚାଷୀ ସଫଳ ହୋଇପାରିବ। ପଦ୍ମପୁରସ୍ଥିତ ଆର.ଜି. କଲେଜ ପାର୍ଶ୍ୱସ୍ଥିତ ପଡିଆଠାରେ ଆୟୋଜିତ କୃଷକ ସମ୍ପର୍କ ମେଳାରେ ଉପସ୍ଥିତ ଅଧିକାରୀମାନେ ଏହା ପ୍ରକାଶ କରିଛନ୍ତି। ଏଥିରେ ଜିଲା କୃଷି ଅଧିକାରୀ (ଗୁଣପୁର) ବାବାଜୀ ଚରଣ ବେହେରା ଯୋଗଦେଇ ଅଳ୍ପ ଚାଷ ଜମିରେ ଚାଷୀ କିପରି ଧାନ, ପରିବା , ଜିଆ (ଭର୍ମି କମ୍ପୋଷ୍ଟ), ମତ୍ସ୍ୟ , ଗୋପାଳନ, ଉନ୍ନିତ ଶଙ୍କର ଜାତୀୟ ଫଳ , ଉଦ୍ୟାନ ଓ ଋତୁକାଳୀନ ଚାଷ କରିପାରିବ ସେ ନେଇ ବୁଝାଇଥିଲେ । ଅନ୍ୟମାନଙ୍କ ମଧରେ ଗୁଣପୁର ଜିଆଇଇଟି ଡିନ ସ୍କୁଲ ଅଫ ଏଗ୍ରିକଲଚରର ଡଃ ଏସ.କେ. ପଣ୍ଡା, ପ୍ଲାଣ୍ଟ ପାଥୋଲୋଜି ଗୁଣପୁର ଜିଆଇଟିର ପ୍ରଫେସର ବି.କେ. ମହାପାତ୍ର, ପଦ୍ମପୁର ତହସିଲଦାର ନୀଳମାଧବ ମାଝି, ପଦ୍ମପୁର ବିଡିଓ ଦୟାମୟ ପାଢୀ ପଦ୍ମପୁର କୃଷି ଅଧିକାରୀ ଦିପକ କୁମାର ଦାଶ, କୃଷି ବିଭାଗ ଦିପାଶ୍ରୀ ମଣ୍ଡଳ, ଜିଆଇଇଟିର ଆଡମିନିଷ୍ଟ୍ରେଟର ଅଫିସର ଅଶୋକ କୁମାର ମିଶ୍ର, ପଦ୍ମପୁର ମତ୍ସ୍ୟ ଅଧିକାରୀ ଅଶ୍ୱିନୀ କୁମାର ବିଶ୍ୱାଳ ଓ ପ୍ରାଣୀ ଚିକିତ୍ସାଧିକାରୀ କୃଷ୍ଣାନନ୍ଦ ବେହେରା ଓ ଏମପି ପ୍ରତିନିଧି ରାଜୀବ ଲୋଚନ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ନିଜ ଜ୍ଞାନ କୌଶଳରେ ଧାନବୁଣା ମେଶିନ ତିଆରି କରିଥିବାରୁ ଗୁଡ଼ିଆବନ୍ଧର ଯୁବଚାଷୀ ଉଦୟ ଶବରଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ସ୍ଥାନୀୟ ବସନ୍ତ ଦେବୀ ବିଦ୍ୟାପୀଠର ଛାତ୍ରୀମାନଙ୍କ ଦ୍ୱାରା ଏହି ମଞ୍ଚରେ ପ୍ରଦର୍ଶିତ ନୃତ୍ୟର ଲେଖକ ଓ କଳାକାର ମନୋଜ ଜେନା ଓ ପ୍ରଶାନ୍ତ ଶତପଥୀଙ୍କୁ ସମ୍ମାନିତ କରାଯାଇଥିଲା । ଏହି ମେଳାକୁ ଗଜପତି ଜିଲାର ରାୟଗଡର କୃଷି ଅଧିକାରୀ ଦାଶରଥୀ ସେନାପତି ସଙ୍ଗୀତ ମାଧମରେ ପରିଚାଳନା କରିଥିଲେ ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ରାୟଗଡ଼ା ଅଫିସ, ୧୧।୨**



ଟୁର୍ନାମେଣ୍ଟରେ ଭାଗ ନେଇଥିବା ଖେଳାଳିମାନେ ।

ଜିଲା କ୍ରିକେଟ ଆସୋସିଏଶନ ପକ୍ଷରୁ ରେଲୱେ ପଡ଼ିଆ ରେ ଏକ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ଜିଲା କ୍ରିକେଟ ଆସୋସିଏଶନ ସମ୍ପାଦକ ଡ଼, ନିରଞ୍ଜନ ବକ୍ସିପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ଼ି.ଏସ. ପଲେଇ, ଜିଲା କ୍ରିକେଟ ସଂଘ ସମ୍ପାଦକ ବକ୍ସିପାତ୍ର , କଲ୍ୟାଣୀ ଅରାରୀ ,ପି . ଚନ୍ଦ୍ର ମୋହନ , ରାଜୁ ପଲକା , ଆଲୋକ ମହାରଣା , ଉମା ଶଙ୍କର ପଟ୍ଟନାୟକ , କୌଶିକ ଠକରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଟୁର୍ନାମେଣ୍ଟକୁ ଟି . ବାବୁ ଏବଂ ପ୍ରତାପ ମହାନ୍ତି ପରିଚାଳନା କରିଥିଲେ । ଏଥିରେ ରାୟଗଡ଼ା ଫ୍ରେଣ୍ଡସ ୟୁଥ ଆସୋସିଏଶନ , ଗୁଣପୁର ସୋସିଆଲ ସର୍ଭିସ ଆଣ୍ଡ କ୍ରିକେଟ କ୍ଲବ, ମୁନିଗୁଡ଼ା କ୍ରିକେଟ ଆସୋସିଏଶନ , ରାୟଗଡ଼ା ଚାଲେର୍ସ କ୍ରିକେଟ କ୍ଲବ ଭାଗ ନେଇଛନ୍ତି ।




ରାୟଗଡ଼ା ଶିରିଗୁଡ଼ାସ୍ଥିତ ଜୟଗୁରୁ ମନ୍ଦିରର ବାର୍ଷିକ ଉତ୍ସବ ଅବସରରେ ବାହାରିଥିବା ଶୋଭାଯାତ୍ରା ।

# ଗ୍ରୀଷ୍ମଋତୁ ପୂର୍ବରୁ ଜଳ ସଙ୍କଟ

**ରାୟଗଡ଼ା ଅଫିସ,୧୧।୨**

**ଶୁଣୁନି ପ୍ରଶାସନ**

■ ଗୋଟିଏ ନଳକୂପ ଅଚଳ

■ ଅନ୍ୟ ନଳକୂପରୁ ବାହାରୁଛି ଗୋଳିଆ ପାଣି

■ ସମସ୍ୟା ସମାଧାନ ନେଇ ଦାବି

ରାୟଗଡ଼ାରୁ ମାତ୍ର ୪ କି.ମି. ଦୂରରେ ରହିଛି କୋତାପେଟା ପଞ୍ଚାୟତ । ଏହି ପଞ୍ଚାୟତର ଢ଼େପସାହିରେ ଗ୍ରୀଷ୍ମଋତୁ ପୂର୍ବରୁ ପାଣିର ଅନେକ ସମସ୍ୟା । ଆଗକୁ ଆସୁଛି ଗ୍ରୀଷ୍ମ ଋତୁ ଆହୁରି ଖରା ହେବ । ପାଣି ବିନା କେମିତି ରହିବେ ସେ ନେଇ ଗ୍ରାମବାସୀ ଚିନ୍ତାରେ ପଡ଼ିଛନ୍ତି । ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଉକ୍ତ ସାହିରେ ୧୦୦ ରୁ ଉର୍ଦ୍ଧ୍ୱ ପରିବାର ରହୁଛନ୍ତି। ସେମାନଙ୍କ ଲାଗି ସାହିରେ ରହିଛି ମାତ୍ର ୨ ନଳକୂପ । ସେଥିମଧ୍ୟରୁ ଗୋଟିଏ ଅଚଳ ହୋଇଥିବାବେଳେ ଅନ୍ୟଟିରୁ ପାଣି କମ ବାହାରୁଛି। ସେଥିରୁ ବେଳେ ବେଳେ ପାଣି ବାହାରୁଛି ତ ଅନ୍ୟ କେତେ ବେଳେ ବାହାରୁନି । ଅନ୍ୟ ସମୟରେ ଗୋଳିଆ ପାଣି ବାହାରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏନେଇ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚଙ୍କୁ ବାରମ୍ବାର ଜଣାଇଲେ ମଧ୍ୟ ସେ କିଛି ଶୁଣୁ ନ ଥିବା କହିଛନ୍ତି ଗ୍ରାମର ହୀରାମଣି ବେହେରା (୫୦) । ନଳକୂପରୁ ୫ ହାଣ୍ଡି ଜଳ ବାହାରିବା କଷ୍ଟ ହୋଇ ପଡ଼ୁଛି । ତେଣୁ ଲୋକେ ପାଣି ପାଇଁ ଡ଼ହଳବିକଳ ହେଉଛନ୍ତି ବୋଲି କୁନୀ ମିଣିଆକା କହିଛନ୍ତି । ଆଗକୁ ଗ୍ରୀଷ୍ମ ଋତୁ ଆସୁଛି,ଏହା ପୂର୍ବରୁ ଏ ସବୁ ର ସମାଧାନ କରାଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି । ଏନେଇ ସରପଞ୍ଚ ପ୍ରସାଦ ହୁଇକାଙ୍କୁ ପଚାରିବାରୁ, ଉକ୍ତ ସାହିରେ ପାଣିର କୌଣସି ସମସ୍ୟା ନାହିଁ । ସେଠାରେ ୫୦୦୦ ଲିଟରର ଏକ ପାଣି ଟାଙ୍କି କାମ ଚାଲିଛି । ଆରଡ଼ବ୍ଲୁ ଏସଏସ ର ଜେଇଙ୍କ ଲାଗି କାମ ବିଳମ୍ବ ହେଉଥିବା କହିଛନ୍ତି ।

